

# କେନ୍ଦ୍ରାପଡ଼ା କଥା



## ଜିଲ୍ଲା ପ୍ରଶାସନର ପାକ୍ଷିକ ମୁଖପତ୍ର

Volume.-1 Issue-3 2019 Kendrapara No. of Pages - 4

# ନବନିଯୁକ୍ତ ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

## "ନିଜକୁ ସରକାରୀ କର୍ମଚାରୀ ନୁହେଁ, ପରିବର୍ତ୍ତନର ବାହକ ଭାବ ।"



ଜୟଦେବ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦୬ଜଣ ନବନିଯୁକ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନଙ୍କୁ ନିଯୁକ୍ତି ପତ୍ର ଦେଇଛନ୍ତି। ଏହି ନିଯୁକ୍ତିପତ୍ର ଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ତୁମେ ନିଜକୁ ଜଣେ ସାଧାରଣ ସରକାରୀ କର୍ମଚାରୀ ବୋଲି ଭାବିବନି, ବରଂ ଜଣେ ପରିବର୍ତ୍ତନର ବାହକ ଭାବି କାମ କରିବ। ତୁମେ ଯେଉଁ ଲୋକମାନଙ୍କ ପାଇଁ କାମ କରୁଛ, ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ସେଠାରେ ଅଛ ବୋଲି ଭାବିବ। ମୁଁ ଆଶା କରିବି ଯେ ତୁମେମାନେ ସଂପୂର୍ଣ୍ଣ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରି ସରକାରଙ୍କ କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଲୋକଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ କରିବାରେ ଓଡ଼ିଶା ଏବେ ଆଦର୍ଶ ରାଜ୍ୟ ପାଲଟିଛି। ଆମ ଜନକଲ୍ୟାଣ ଯୋଜନାଗୁଡ଼ିକ ଅନ୍ୟମାନଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହେବା ସହ ଅନ୍ୟ ରାଜ୍ୟମାନେ ଏହାକୁ ଅନୁଧାବନ କରୁଛନ୍ତି। ମୁଁ ସର୍ବଦା ସାଧାରଣ ଲୋକଙ୍କୁ ପ୍ରଶାସନିକ ପଦକ୍ଷେପର କେନ୍ଦ୍ରରେ ରଖି ନିଷ୍ପତ୍ତି ନେବାକୁ ଗୁରୁତ୍ୱ ଦେଇଛି। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ଲୋକଙ୍କ ବିକାଶକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ସେମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହେଉଛି।

### ୫ଟି ମନ୍ତ୍ର ପ୍ରତି ସଚେତନ ହେବା ପାଇଁ ପରାମର୍ଶ

### ୧୦୬ଜଣ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ନିଯୁକ୍ତି ପତ୍ର ଦେଲେ ମୁଖ୍ୟମନ୍ତ୍ରୀ

ତୁମେମାନେ ୫ଟି ମନ୍ତ୍ର ପ୍ରତି ସଚେତନ ହେବ। ରାଜ୍ୟରେ ପରିବର୍ତ୍ତନ ଆଣିବା ପାଇଁ ଆମେ ଏହାକୁ କାର୍ଯ୍ୟକାରୀ କରୁଛୁ। ତୁମେ ଏହାକୁ ଅନୁଧାବନ କରିବା ସହ ସମସ୍ତ ଆନୁଷ୍ଠାନିକ କାର୍ଯ୍ୟରେ ଏହାକୁ ଲାଗୁ କରିବ।

ଏହି ଅବସରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗର କଲ୍ୟାଣ ବିଭାଗର ମନ୍ତ୍ରୀ ଜଗନ୍ନାଥ ସାରକା ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ପାଇଁ କରାଯାଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି) ସଚିନ୍ ରାମଚନ୍ଦ୍ର ଯାଦବ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନଜାତି କଳା ଓ କଳା ବସ୍ତୁର ପ୍ରସାର ଓ ବିକ୍ରୟ ପାଇଁ ଜନଜାତି ଉନ୍ନୟନ ନିଗମ ଲିମିଟେଡ୍ ଦ୍ୱାରା ପ୍ରସ୍ତୁତ ଇ-କମର୍ସ ପୋର୍ଟାଲର ଉଦ୍‌ଘାଟନ କରିଥିଲେ। ଏହାସହ ୧୩ଟି ପ୍ରାଚୀନ ଜନଜାତି ଗୋଷ୍ଠୀ ବିକାଶ ନିମନ୍ତେ ଓପିଇଏଲ୍ଆଇପି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଓ ପରିଚାଳନା ଉଦ୍ଦେଶ୍ୟରେ ପ୍ରସ୍ତୁତ ଇ-ସମୃଦ୍ଧ ଆପ୍, ଏବଂ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟର ୱେବସାଇଟ୍ www.ostm.in ଉଦ୍‌ଘାଟନ କରିଥିଲେ।



# ଘରେ ବସି କରିପାରିବେ ଖଜଣା ପଇଠ

ଖଜଣା ପଇଠ ନିମନ୍ତେ ଓଡ଼ିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଏକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଅଛି। ଏହାଦ୍ୱାରା ସାଧାରଣ ଜନତା ନିଜ ଘରେ ବସି ନିଜ ଜମିର ସମସ୍ତ ଖଜଣା ଅନ୍‌ଲାଇନ୍ ମାଧ୍ୟମରେ ପଇଠ କରିପାରିବେ। ପୂର୍ବପରି ଖଜଣା ପଇଠ ନିମନ୍ତେ ଆଉ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଯେଉଁ ବ୍ୟକ୍ତି ଏହି ବ୍ୟବସ୍ଥାର ଲାଭ ଉଠାଇପାରିବେ ନାହିଁ, ସେମାନେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ମଧ୍ୟ ଖଜଣା ପଇଠ କରି ପାଉତି ପାଇପାରିବେ। ସମଗ୍ର ଓଡ଼ିଶା ରାଜ୍ୟ ପାଇଁ ଏହି ବ୍ୟବସ୍ଥାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଗତ ଅଗଷ୍ଟ ୧୫ ତାରିଖରେ ଉଦ୍‌ଘାଟନ କରିଅଛନ୍ତି। ଏହି ବ୍ୟବସ୍ଥା ଅନୁଯାୟୀ ଜଣେ ସାଧାରଣ ନାଗରିକ ନିଜ ମୋବାଇଲ କିମ୍ବା କମ୍ପ୍ୟୁଟରରେ ଇଣ୍ଟରନେଟ୍ ସହାୟତାରେ www.odishalandrevenue.nic.in ରେ ଲଗଇନ୍ କରି ନିଜର ଜିଲ୍ଲା, ତହସିଲ, ରାଜସ୍ୱ ଖଣ୍ଡ ଏବଂ ଖତିୟାନ୍‌ର କ୍ରମିକ ନମ୍ବର ଚୟନ କରି ନିଜର ସମସ୍ତ ଜମି ନିମନ୍ତେ ଉଦ୍ଦିଷ୍ଟ ଖଜଣା ପଇଠ କରିପାରିବେ। ଏଥି ନିମନ୍ତେ ଡେବିଟ୍ କାର୍ଡ଼, କ୍ରେଡ଼ିଟ୍ କାର୍ଡ଼ ଏବଂ ଇଣ୍ଟରନେଟ୍ ବ୍ୟାକିଂର ସହାୟତା ନିଆଯାଇପାରିବ। ଉଦ୍ଦିଷ୍ଟ ଖଜଣା ପଇଠ କଲାପରେ ପ୍ରାପ୍ୟ ରସିଦ ସୃଷ୍ଟି ହୋଇଥାଏ ଯାହାର ନକଲ ପ୍ରିଣ୍ଟ୍ କରି ରଖାଯାଇପାରିବ। ଆମ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ତହସିଲ୍‌ରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ତେଣୁ କେନ୍ଦ୍ରାପଡ଼ାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ଏହି ବ୍ୟବସ୍ଥାର ସଦୁପଯୋଗ କରି ନିଜ ନିଜର ଖଜଣା ସହଜ ଏବଂ ସୁଗମ ଉପାୟରେ ପଇଠ କରନ୍ତୁ।



### କେନ୍ଦ୍ରାପଡ଼ା ବିକାଶ ପାଇଁ ସକ୍ରୀୟ ପ୍ରଶାସନ

# କେନାଲ ପାଇଁ ଖର୍ଚ୍ଚ ହେବ ୨୫ କୋଟି

ଜିଲ୍ଲାପାଳ ସହରର ଗଳିକନ୍ଦି ଓ ମୁଖ୍ୟ ରାସ୍ତାରେ ଯାତାୟତ ସୁବିଧାକୁ କିପରି ବ୍ୟବସ୍ଥିତ କରାଯିବ ସେ ନେଇ ରାସ୍ତା ଖୋଜିଛନ୍ତି। ଜିଲ୍ଲାପାଳ ସାନ୍ତସାହି ଛକରୁ ପ୍ରାୟ ୩ କିମି ଚାଲି ଚାଲି କେନ୍ଦ୍ରାପଡ଼ା କେନାଲ ରାସ୍ତା ଓ ଦଳଭର୍ତ୍ତି କେନାଲକୁ ଅନୁଧ୍ୟାନ କରିଥିଲେ। ଏହି କେନାଲର ଉନ୍ନତିକରଣ ନିମନ୍ତେ ସରକାର ୨୫ କୋଟି ଟଙ୍କାର ବ୍ୟୟ ବରାଦ କରିଥିବା ପରିପ୍ରେକ୍ଷୀରେ କାକଟ ଲକ୍ ଛକ ନିକଟରୁ କେତେବାଟ ପର୍ଯ୍ୟନ୍ତ କେନାଲର ସଫେଇ ଓ ସୌନ୍ଦର୍ଯ୍ୟକରଣ କରାଯିବ ସେନେଇ ସ୍ଥିତି ପରଖିଛନ୍ତି। ଟାଉନବଳରାମପୁର ବାଟେ ମୁଖ୍ୟ କେନାଲ ବନ୍ଧରୁ ଷ୍ଟାଡ଼ିୟମ ଆଡ଼କୁ ଯାଇଥିବା ୬ ନଂ. କେନାଲ ରାସ୍ତାକୁ ଉନ୍ନତିକରଣ କରାଗଲେ ସେହିବାଟେ ଅନେକ ଯାନବାହନ ଯାତାୟତ ପାଇଁ ରାସ୍ତା ଖୋଲିବ ଓ ସହର ଭିତରକୁ ଅନାବଶ୍ୟକ ଭାବେ ବଢୁଥିବା ଟ୍ରାଫିକ୍ ସମସ୍ୟାକୁ ଅନେକାଂଶରେ ହାଲକା କରିହେବ ବୋଲି ଜିଲ୍ଲାପାଳ ବିଚାର କରୁଛନ୍ତି। ଜଜାଙ୍ଗ ନିକଟ କଟକ ଚାନ୍ଦବାଲି ରାସ୍ତାରୁ ଟାଉନବଳରାମପୁର ଆଡ଼କୁ ରାସ୍ତା ସଂଯୋଗ କରାଯିବା କ୍ଷେତ୍ରରେ ସୁବିଧା ଓ ସମସ୍ୟା ସମ୍ପର୍କରେ ମଧ୍ୟ ବିଚାର କରାଯାଉଛି। ଏନେଇ ବିଭାଗୀୟ ଯନ୍ତ୍ରୀମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଛନ୍ତି। କେନାଲ ରାସ୍ତାର ପ୍ରଶସ୍ତିକରଣ କରାଗଲେ ଷ୍ଟାଡ଼ିୟମକୁ କେବଳ ରାସ୍ତା ଓ ଟ୍ରାଫିକ୍ ସମସ୍ୟା ହାଲକା ହେବ ନାହିଁ ବରଂ କୋଟିଏରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଷ୍ଟାଡ଼ିୟମକୁ ନିୟମିତ ଭାବେ ବ୍ୟବହାର କରିବା ବାଟ ଫିଟିଯିବ। ସହର ପାଇଁ ଆବଶ୍ୟକ ରିଙ୍ଗ୍ ରୋଡ୍‌ର ୫ ଥର ଟେଣ୍ଡର ବାତିଲ ପରେ ଏବେ ପ୍ରଶାସନ ଏଥିପାଇଁ ଅଂଟା ଭିଡ଼ିଛି। ଗୋବରୀ କେନାଲ୍ ବାମ ପାର୍ଶ୍ୱରେ ଯାଇଥିବା ୭ ନମ୍ବର ଶାଖା କେନାଲ୍ ବନ୍ଧର ଉନ୍ନତିକରଣ କରାଯାଇ ଆଳିଜଙ୍ଗା ସେତୁକୁ ସଂଯୋଗ କରିବା ବ୍ୟବସ୍ଥା କରାଗଲେ କେତେ ଘରୋଇ ଜମି ଅକ୍ତିଆର କରିବାକୁ ପଡ଼ିବ ଓ ଏଥିପାଇଁ କେତେ ପାଣ୍ଠି ବିନିଯୋଗ ହେବ ସେ ନେଇ ବଜେଟ ପ୍ରସ୍ତୁତି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ସାନ୍ତସାହି ନିକଟ କେନାଲ ରାସ୍ତାକୁ ଡ଼କାଇ ରାସ୍ତାର ଉନ୍ନତିକରଣ ସଂପର୍କରେ ଆଲୋଚନା କରିଥିଲେ। ଏହି ରାସ୍ତା ଉନ୍ନତୀକରଣ କରାଗଲେ ହଜାରିବଗିଚା ଦେଇ ଦକ୍ଷିଣ ପାର୍ଶ୍ୱ ଗୋବରୀ ନଦୀ ବନ୍ଧରେ ବଡ଼ ବଡ଼ ଗାଡ଼ି ନୂଆ ବସଷ୍ଟାଣ୍ଡ ଏବଂ ଗରାପୁର ଛକ ଏବଂ ଆଳିଜଙ୍ଗା ସେତୁ ଦେଇ ଜଜାଙ୍ଗ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟକୁ ବାହାରି ପାରିବ। ସେ ଦୃଷ୍ଟିରୁ ସୁଦୃଢ଼ କେନାଲ ବନ୍ଧ ରାସ୍ତାହିଁ ଜରୁରୀ ବୋଲି ଜିଲ୍ଲାପାଳଙ୍କୁ ବିଭାଗୀୟ ଅଧିକାରୀମାନେ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାପାଳ କେନ୍ଦ୍ରାପଡ଼ା ସଦର ମହକୁମାସ୍ଥିତ ସାନ୍ତସାହି ଗଣ୍ଡାଖିଆ ରାସ୍ତାର ଦୂରବସ୍ଥା ସମ୍ପର୍କରେ କେତେକଙ୍କ ଠାରୁ ଲିଖିତ ଅଭିଯୋଗ ପାଇବା ପରେ ବିପର୍ଯ୍ୟସ୍ତ ଅଂଚଳ ବୁଲି ଦେଖିଥିଲେ।

### କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜଳଶକ୍ତି ଅଭିଯାନ

# ଜଳ ସଂରକ୍ଷଣକୁ ଆନ୍ଦୋଳନ ଭାବେ ଗ୍ରହଣ କରିବାକୁ ଆହ୍ୱାନ

ଡ଼େରାବିଶ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜଳଶକ୍ତି ଅଭିଯାନ ମେଳା ଓ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଡ଼େରାବିଶ ସମେତ କେନ୍ଦ୍ରାପଡ଼ା ବ୍ଲକ ପାଇଁ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସମର୍ଥ ବର୍ମା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ବର୍ମା ଆଗାମୀ ପିଢ଼ିକୁ ଜଳ ସଙ୍କଟରୁ ରକ୍ଷା କରିବା ପାଇଁ ଏବେଠାରୁ ଜଳ ସଂରକ୍ଷଣର ଆବଶ୍ୟକତା ଏବଂ ଜଳର ସୁପରିଚାଳନା ବାବଦରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଡ଼େରାବିଶ ବ୍ଲକ୍ ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା ମୁଖ୍ୟ ଅତିଥି, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ମାନସ ପରିଡ଼ା ମୁଖ୍ୟବକ୍ତା, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ଭାବେ ତାଙ୍କ ପୁତ୍ର ସଞ୍ଜୟ ଅଗ୍ରୱାଲ ଓ କେନ୍ଦ୍ରାପଡ଼ା ବ୍ଲକ୍ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ଆଗାମୀ କିଛିବର୍ଷ ମଧ୍ୟରେ ଜଳସଙ୍କଟ ମୁଖ୍ୟ ସମସ୍ୟା ପାଲଟିବାକୁ ଯାଉଛି ବୋଲି ଆଶଙ୍କା ପ୍ରକାଶ କରିଥିଲେ। ମଧୁର ଜଳ ଓ ମତ୍ସ୍ୟ ବିଭାଗର ବୈଜ୍ଞାନିକ ରବୀନ୍ଦ୍ର କୁମାର ପଣ୍ଡା, ଡ. ରେଣୁରାଣୀ ସେଠୀ, ବୈଜ୍ଞାନିକ କାଳୀଦାସ ପତି ପ୍ରମୁଖ ଏହି ମେଳାରେ ଯୋଗଦେଇ ଆଗାମୀ ପିଢ଼ିକୁ ଜଳ ସମସ୍ୟାରୁ ବଂଚାଇବା ପାଇଁ ଏବେ ଠାରୁ ଜଳ ସଂରକ୍ଷଣକୁ ଏକ ଆନ୍ଦୋଳନ ଭାବେ ଗ୍ରହଣ କରିବା ପାଇଁ ଆହ୍ୱାନ କରିଥିଲେ। ଏଥିସହିତ ବର୍ଷା ଜଳକୁ ଘର ଛାତରେ କିପରି ସଂରକ୍ଷଣ କରାଯିବ ଓ ଜଳର ଅନ୍ୟାନ୍ୟ ଉତ୍ସକୁ କିପରି ସୁରକ୍ଷିତ କରାଯାଇପାରିବ, ସେ ବାବଦରେ ଉପସ୍ଥିତ ଜନସାଧାରଣଙ୍କୁ ସେମାନେ ସଚେତନ କରାଇଥିଲେ।




ଏହି ଅବସରରେ କୃଷକଙ୍କ ମଧ୍ୟରେ ଜଳ ଶକ୍ତି ଅଭିଯାନ ସଂପର୍କରେ ଅଧିକ ସଚେତନା ସୃଷ୍ଟି ପାଇଁ ୧୩ଟି ଷ୍ଟଲକୁ ନେଇ ଏକ କୃଷି ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏହି କୃଷି ପ୍ରଦର୍ଶନୀରେ ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗ, ଗୋଷ୍ଠୀ ମୃତ୍ତିକା ସଂରକ୍ଷଣ, କୃଷି ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ ଓ ନାବାର୍ଡ଼ ପକ୍ଷରୁ ସ୍ୱୟଂ ସହାୟୀକା ଗୋଷ୍ଠୀ ଓ କୃଷି ବିଜ୍ଞାନ କ୍ଷେତ୍ରର ବୈଜ୍ଞାନିକମାନେ ଅଂଶଗ୍ରହଣ କରିଥିଲେ। ଏହି ମେଳାରେ ବୈଜ୍ଞାନିକ ପଦ୍ଧତିରେ ଚିନାବାଦମ ଚାଷ ଓ ଘାସ ଚାଷ ସଂପର୍କିତ ୨ଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିବା ସହିତ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଡ଼. ବିଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ବୈଜ୍ଞାନିକ ନମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ସୂର୍ଯ୍ୟନାରାୟଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବୈଜ୍ଞାନିକ ନମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# କେନ୍ଦ୍ରାପଡ଼ାରେ ଖୋଲା ହେବ ନଡ଼ିଆକତା ହସ୍ତଶିଳ୍ପ କ୍ଲଷ୍ଟର

କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ସ୍କିମ ଅଫ ଫଣ୍ଡ ଫର ରିଜେନେରେସନ ଅଫ ଟ୍ରାଡ଼ିସନାଲ ଇଣ୍ଡଷ୍ଟ୍ରିଜ (ଏସ୍‌ଏଫ୍‌ୟୁଆରଟିଆଇ/ସ୍ଫୁର୍ତ୍ତୀ) ମାଧ୍ୟମରେ ରାଜ୍ୟରେ ୧୫ଟି ନଡ଼ିଆ କତା ହସ୍ତଶିଳ୍ପ କ୍ଲଷ୍ଟର ଖୋଲିବାକୁ ଘୋଷଣା କରିଛନ୍ତି। ଏଥିସହ ଭିଡ଼ିଓ କନଫରେନସ ମାଧ୍ୟମରେ କୋଣାର୍କ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ ଏହାର ଶିଳାନ୍ୟାସ କରିଛନ୍ତି। ଏହି ହସ୍ତଶିଳ୍ପ କ୍ଲଷ୍ଟର ଖୋଲିବା ପରେ କତା କାରିଗରଙ୍କ ପାଇଁ ନିଯୁକ୍ତି ସହ ଆର୍ଥିକ ସମୃଦ୍ଧି ଆଣିବ ବୋଲି ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲାରେ କୌଣସି କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପ ନାହିଁ। ଏପରିସ୍ଥିତିରେ ଚାଷ ପରେ ଏହି ଅଣୁଶିଳ୍ପ ପରିବାର ସଦସ୍ୟଙ୍କ ପାଇଁ ଅର୍ଥ ରୋଜଗାରର ମାଧ୍ୟମ ପାଲଟିଛି। ପ୍ରସ୍ତାବିତ କ୍ଲଷ୍ଟର ପାଇଁ ପ୍ରାଥମିକସ୍ତରରେ ୨.୫ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ପର୍ଯ୍ୟାୟକ୍ରମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୦ କୋଟି ଟଙ୍କା ପ୍ରତି କ୍ଲଷ୍ଟରକୁ ଦିଆଯିବାକୁ ନିଷ୍ପତ୍ତି ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଫଳରେ କାରିଗରମାନେ ବୈଷୟିକ ତାଲିମ ସହ ମାର୍କେଟିଂ ପାଇଁ ପ୍ରେତ୍ସାହନ ପାଇପାରିବେ। ଏନେଇ ଜିଲାର ଆକୁଳିପଡ଼ା, ପିମ୍ପୁଡ଼ି, ଆଇତିପଡ଼ା, ପଲ୍ଲିସାହାଡ଼ା, ଶାସନ, ତରାଶ, ସିଆଳିଆ ଆଦି ଗ୍ରାମରେ ବସବାସ କରୁଥିବା ୫୦୦ରୁ ଉର୍ଦ୍ଧ୍ୱ କତା ହସ୍ତଶିଳ୍ପୀ କାରିଗର ଉତ୍ସାହିତ ହୋଇଯାଇଛନ୍ତି। ଉନ୍ନତ ବୈଷୟିକ କୌଶଳରେ ନିର୍ମିତ ହସ୍ତକଳା ଦେଶ ବିଦେଶରେ ଆଦୃତ ହେବା ସହ ରୋଜଗାରର ମାଧ୍ୟମ ପାଲଟିବ ବୋଲି ବାୟାବାବା ମହିଳା କତା ସମବାୟ ସମିତି ସମ୍ପାଦିକା ଶ୍ରୀମତୀ ନାୟକ କହିଛନ୍ତି। ସେ କହିଛନ୍ତି, ନଡ଼ିଆ କତାରେ ନିର୍ମିତ ସାମଗ୍ରୀ ପରିବେଶ ଅନୁକୂଳ। ଏହା ପ୍ଲାଷ୍ଟିକର ଚାହିଦା କମାଇବା ସହ ସମୟ କ୍ରମେ ନଷ୍ଟ ହେବାରେ ମଧ୍ୟ ଅସୁବିଧା ହୁଏ ନାହିଁ। ଏଥିଯୋଗୁ ଏହା ପୁନର୍ବାର ଲୋକଙ୍କ ଆଦୃତିଲାଭ କରିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସେହିପରି ପୂର୍ବରୁ ସମବାୟ ସମିତିର ସଦସ୍ୟମାନେ ମ୍ୟାଟ, କାରପେଟ, କାନ୍ଥ ଝୁଲା, ଟୋପି, ବାସ୍କେଟ, ହାତପଙ୍ଖା, ଫୁଲଦାନୀ ଆଦି ସୁନ୍ଦର ଭାବେ ପ୍ରସ୍ତୁତ କରୁଥିଲେ ମଧ୍ୟ ବିକ୍ରି ପାଇଁ ପ୍ରୋସାହନ ମିଳୁ ନଥିଲା। କ୍ଲଷ୍ଟର ମାଧ୍ୟମରେ ଦକ୍ଷତା ତାଲିମ ସହ ବିକ୍ରିକୁ ପ୍ରୋତ୍ସାହନ ମିଳୁଥିବାରୁ ସହଜରେ ଅର୍ଥଲାଭ ହୋଇପାରିବ ବୋଲି ସମ୍ପାଦିକା ନାୟକ ମତ ଦେଇଛନ୍ତି। ଏସମ୍ପର୍କରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ସନ୍ତୋଷ କୁମାର ମିଶ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ଯୋଜନା ଜିଲା ଶିଳ୍ପ କେନ୍ଦ୍ର ଅଧୀନରେ ପରିଚାଳିତ ହେବ। କେନ୍ଦ୍ରାପଡ଼ାରେ ଭିତରକନିକା ଜାତୀୟ ଉଦ୍ୟାନ ଥିବାରୁ ପ୍ରତିବର୍ଷ ଏଠାକୁ ଦେଶ ବିଦେଶର ବହୁ ପର୍ଯ୍ୟଟକ ଆସିଥାନ୍ତି। ସେମାନଙ୍କ ନିକଟରେ କତା ହସ୍ତକଳାକୁ ପହଞ୍ଚାଯାଇପାରିବ। ଅନଲାଇନରେ କାଇଁଚ ସାମଗ୍ରୀ ବିକ୍ରି ହେବା ପରି କତା ହସ୍ତକଳା ସାମଗ୍ରୀକୁ ମଧ୍ୟ ବିକ୍ରି କରାଯାଇପାରିବ। ଏହି ଶିଳ୍ପକୁ ପ୍ରୋତ୍ସାହନ ଦେବା ଲାଗି ଜିଲ୍ଲାର ପାରିପଙ୍ଗରା ଓ ନନତାରର ୯୦ ଜଣ କାରିଗରଙ୍କୁ ଇତିମଧ୍ୟରେ କତା ସାମଗ୍ରୀ ନିର୍ମାଣ ପାଇଁ ଶିଳ୍ପ କେନ୍ଦ୍ର ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏହାର ପ୍ରଚାର ପ୍ରସାର ହେବ। କେନ୍ଦ୍ରାପଡ଼ା ଜିଲା ମହିଳା ସଶକ୍ତୀକରଣରେ ଏହି କ୍ଲଷ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ସେ ଆଶାବାଦୀ ବୋଲି ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ମିଶ୍ର କହିଛନ୍ତି।





# ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ

ଅନ୍ତର୍ଜାତୀୟ ଖ୍ୟାତନାମା ହକି ତାରକା ମେଜର ଧ୍ୟାନଚନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଅଗଷ୍ଟ ୨୯ ତାରିଖକୁ ଦେଶବ୍ୟାପୀ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଇଆସୁଛି। ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଏକ ସାଇକେଲ ରାଲି ଆୟୋଜିତ ହୋଇଥିଲା। ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ କ୍ଲବର ଖେଳପ୍ରେମୀ ଏଥିରେ ଭାଗ ନେଇଥିଲେ। ରାଲିରେ କ୍ରୀଡ଼ାର ଉପଯୋଗିତା ଓ ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ ଥିବା ବିଭିନ୍ନ ପ୍ଲାକାର୍ଡ଼ ପ୍ରଦର୍ଶନ କରାଯିବା ସହ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ସହରସ୍ଥ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରକୁ ଏହି ରାଲି ଆରମ୍ଭ ହୋଇ ସହର ମଧ୍ୟରେ ପରିକ୍ରମା କରିଥିଲା। ଏହାକୁ ମୁଖ୍ୟଅତିଥି ଏଡ଼ିଏମ୍ ବସନ୍ତ କୁମାର ରାଉତ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ଜିଲ୍ଲା କ୍ରୀଡ଼ା ସଂସଦ ଅଧିକାରୀ ଆକମଲ ଅଲ୍ଲୀ ଯୋଗ ଦେଇଥିଲେ। ଏହି ଅବସରରେ ଧ୍ୟାନଚାନ୍ଦଙ୍କ କୃତିତ୍ୱ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଜଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପରିଚାଳନା କରିଥିଲେ।





## KUPOSHAN MUKTA KENDRAPARA


An initiative called "Kuposhan Mukta Kendrapara" has been started in Kendrapara district as an innovative idea of Collector & DM, Kendrapara under his direct supervision. All the CDPOs and LS, ICDS and from dt.17th to 19th July 2019 all the ANM, MPHS (M), LHV of Health Department were oriented at district level. The programme was started from 23rd July-2019. The purpose of the Campaign is to screen all (0-5 yrs children) in the fixed VHND platform, which is jointly convened by Health & WCD department on each Tuesday & Friday of the month at all AWC. As of now, we have already covered four phases of VHND sessions. It is pertinent to mention here that after screening of all 0-5 year children, Specific malnutrition free strategy are being taken up to redress the issue on priority. This is three months programme, in the first month screening of all targeted children will be done and in next two months eradication programme will be done.

| Total No of child (0-5 years) Screend | Total No of Severely Under Weight (SUW) Identified | Total No of Severely Acute Malneurished Child (SAM) Indentified | Total SUW & SAM Child Identified |
|---|---|---|---|
| 52094 | 177 | 41 | 218 |

# କେନ୍ଦ୍ରାପଡ଼ାରେ କୁଷ୍ଠରୋଗ ଚିହ୍ନଟକରଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା ଜିଲ୍ଲାରେ କୁଷ୍ଠରୋଗ ନିରାକରଣ ପାଇଁ ଏକ କୁଷ୍ଠରୋଗ ଚିହ୍ନଟ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସେପ୍ଟେମ୍ବର ୧୦ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉପଲକ୍ଷେ ୭ ତାରିଖ ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ କୁଷ୍ଠରୋଗ ଚିହ୍ନଟ କାର୍ଯ୍ୟକ୍ରମ ପାଇଁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ. ଉର୍ମିଳା ମିଶ୍ର କୁଷ୍ଠ ରୋଗ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଭାରତ ବର୍ଷରେ ୨୦୦୬ ମସିହା ପର୍ଯ୍ୟନ୍ତ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୦୬ ମସିହାରେ ଭାରତବର୍ଷ କୁଷ୍ଠମୁକ୍ତ ଦେଶ ଭାବେ ଘୋଷିତ ହେବା ପରେ ଏହି ଜାତୀୟ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା। ଏବେ ୨୦୧୯ ମସିହାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ପୁଣି କୁଷ୍ଠରୋଗ ଦେଖା ଦେଇଥିବାରୁ, ଏହାକୁ ପୁଣି ଓଡ଼ିଶାରେ ନିର୍ମୂଳ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇ ଚିହ୍ନଟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। କୁଷ୍ଠରୋଗ ବ୍ୟାକ୍ଟେରିଆ ଯୋଗୁ ହେଉଥିବାରୁ ଏହାର ଜୀବାଣୁ ଦେହରେ ପ୍ରବେଶ କରିବାର ୪ ବର୍ଷରୁ ୧୪ ବର୍ଷ ମଧ୍ୟରେ ପରିପ୍ରକାଶ ହୋଇଥାଏ। କୁଷ୍ଠ ଆକ୍ରାନ୍ତ ବ୍ୟକ୍ତି ଚିକିତ୍ସା ଠିକ୍ ଭାବେ ଆରମ୍ଭ ନକଲେ ପ୍ରଥମେ ଆଖିପତା ବାଳ ଝଡ଼ିଥାଏ, ଶରୀରର ବିଭିନ୍ନ ସ୍ଥାନରେ ବଧିରତା ଦେଖାଯାଏ। ହାତ ଓ ଗୋଡ଼ ଆଙ୍ଗୁଠି ବଙ୍କା ହୁଏ ଓ ପରେ ଛିଣ୍ଡିଯାଇ ବ୍ୟକ୍ତି ଭିନ୍ନକ୍ଷମ ହୋଇଥାଏ। କୁଷ୍ଠରୋଗ ପ୍ରତି ସମାଜରେ ଅନ୍ଧ ବିଶ୍ୱାସ ରହିଥିବାରୁ ରୋଗ, ରୋଗୀ ଲୁଚାଇଥାଏ। ତେଣୁ ସଚେତନତାର ଆବଶ୍ୟକତା ରହିଛି। ଏହା କୌଣସି ବ୍ୟାଧି ନୁହେଁ, ଏହାର ଚିକିତ୍ସା କଲେ ରୋଗୀ ରୋଗମୁକ୍ତ ହୋଇଥାଏ। ଜିଲ୍ଲା କୁଷ୍ଠ ନିରାକରଣ ଅଧିକାରୀ ପ୍ରଦୀପ ଦାସ ଉଦ୍‌ବୋଧନରେ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାର ୧୫ ଲକ୍ଷ ୫୭ ହଜାର ୬୦ ଲୋକଙ୍କ ମଧ୍ୟରେ ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏଥିପାଇଁ ଜିଲ୍ଲାଓ୍ୱାରୀ ମୋଟ ୧୪୮୩ ଗୋଟି ଦଳ କାର୍ଯ୍ୟ କରିବ। ୧୪୮୩ ଆଶାକର୍ମୀ ଏହି ଦଳର ନେତୃତ୍ୱ ନେବେ। ଆବଶ୍ୟକ ସ୍ଥଳେ ଅଙ୍ଗନଓ୍ୱାଡ଼ି କର୍ମୀଙ୍କ ସହଯୋଗ ନିଆଯିବ। ୨୩୧ ଜଣ ସୁପରଭାଇଜର ତଦାରଖ କରିବେ। ଏଥିପାଇଁ ଏକ ତାଲିମ୍ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ବସନ୍ତ ରାଉତ ଉଦବୋଧନରେ ସମସ୍ତ ଅଧିକାରୀ ଓ କର୍ମଚାରୀ ନିଷ୍ଠାର ସହ ଚିହ୍ନଟ କାର୍ଯ୍ୟକ୍ରମ ପରିଚାଳନା କରି କେନ୍ଦ୍ରାପଡ଼ାକୁ କୁଷ୍ଠମୁକ୍ତ ଜିଲ୍ଲାଭାବେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ. ମିର୍ଜା ବାବର ବେଗ, ଡଃ, କିଶୋର କୁମାର ଆଚାର୍ଯ୍ୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।




# ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ

ଚଳିତ ବର୍ଷ ସେପ୍ଟେମ୍ବର ମାସ ୧ ତାରିଖ ଠାରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇଛି। ଆମ ଜିଲ୍ଲାର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ର ସହ ସମସ୍ତ ଭୋଟର ସହାୟତା କେନ୍ଦ୍ରରେ ଏହାର ସୁବିଧା ଭୋଟରମାନେ ନେବାକୁ ଜିଲ୍ଲାପାଳ ସମର୍ଥ ବର୍ମା ଅନୁରୋଧ କରିଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଓ ଭୋଟର ମାନଙ୍କ ଅନୁଧ୍ୟାନ କାର୍ଯ୍ୟକ୍ରମ ସଂପର୍କରେ ଏକ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସମୟରେ ଭୋଟରମାନେ ସେମାନଙ୍କର ତୃଟିକୁ ମଧ୍ୟ ସଂଶୋଧନ କରାଇ ପାରିବେ। ତା ୧.୧.୧୯ ରିଖରୁ ଯେଉଁମାନଙ୍କୁ ୧୮ବର୍ଷ ବା ତଦ୍ଧୁର୍ଦ୍ଧ ହୋଇଥିବ ସେମାନେ ସେମାନଙ୍କର କୌଣସି ଏକ ପ୍ରମାଣପତ୍ର ଓ ଫଟୋ ପ୍ରଦାନ କରି ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିପାରିବେ। ଏହି ପ୍ରମାଣପତ୍ର ଗୁଡ଼ିକ ହେଲା ଆଧାରକାର୍ଡ଼, ଭୋଟର ପରିଚୟ ପତ୍ର, ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍‌ସ, ଫଟୋ ଥିବା ସରକାରୀ ଚାକିରି କ୍ଷେତ୍ରରେ ପରିଚୟ ପତ୍ର, ଫଟେ ସଂଲଗ୍ନ ଥିବା ବ୍ୟାଙ୍କ ଓ ପୋଷ୍ଟ ଅଫିସର ପାସ୍ ବୁକ, ପ୍ୟାନ୍ କାର୍ଡ଼, ଏମ୍. ଏନ୍. ଆର୍.ଇ.ଜି. ଏସ୍‌ର ଜବ୍‌କାର୍ଡ଼, ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସ୍ୱାସ୍ଥ୍ୟ ତଥା ସ୍ମାଟ୍ କାର୍ଡ଼ ଇତ୍ୟାଦି। ଭୋଟର କେନ୍ଦ୍ରସହ ସମସ୍ତ ବ୍ଲକ, ତହସିଲ, ପୌରପରିଷଦ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଭୋଟର ସହାୟତା କେନ୍ଦ୍ରରେ ମଧ୍ୟ ଭୋଟରମାନେ ସହାୟତା ପାଇପାରିବେ। ଭୋଟରମାନେ ବୁଥ୍ ବା ସହାୟତା କେନ୍ଦ୍ରକୁ ଯାଇ ଭୋଟର ତାଲିକା ତନଖି କରି ସେମାନଙ୍କ ନାମ, ବୟସ, ଠିକଣା ସଂପର୍କ ଇତ୍ୟାଦିର ତୃଟି ଥିଲେ ସଂଶୋଧନ ପାଇଁ ଆବେଦନ କରିପାରିବେ। ଏହି କାର୍ଯ୍ୟକ୍ରମରେ ଭୋଟରମାନେ ପ୍ରଦାନ କରିଥିବା ସ୍ମାଟ୍‌ଫୋନ ମାଧ୍ୟମରେ ମଧ୍ୟ ମେସେଜ୍ ପ୍ରଦାନ କରାଯିବ। ମୃତ ଭୋଟରଙ୍କୁ ତାଲିକାରୁ ବାଦ ଦିଆଯିବ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଠିତ ଇଲେକ୍ଟୋରାଲ ଲିଟେରାଲ କ୍ଲବ ମାନଙ୍କରେ ଓ ବେସରକାରୀ ସଂଗଠନ ଦ୍ୱାରା ମଧ୍ୟ ଏହି ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭୋଟରମାନଙ୍କୁ ସଚେତନତା ପାଇଁ ପୋଷ୍ଟର, ବ୍ୟାନର, ବିଭିନ୍ନ ବିଜ୍ଞାପନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଭୋଟରମାନଙ୍କୁ ସଚେତନ ଓ ଆକୃଷ୍ଟ ପାଇଁ ପାରଂପାରିକ ଲୋକକଳାର ସହାୟତା ନିଆଯିବ ବୋଲି ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ ଠାରୁ ପ୍ରକାଶ।

# SUCCESS STORY OF ODISHA LIVELIHOODS MISSION, DRDA, KENDRAPARA

Odisha Livelihoods Mission (OLM) which operates under the purview of the Department of Panchayati Raj and Drinking water implements the NRLM projects in the state of Odisha. National Rural Livelihoods Mission (NRLM) was formed by restructuring Swaranajayanti Gram Swarozgar Yojana (SGSY). It has launched countrywide livelihood missions in every state to help eradicate poverty by empowering the women in the rural areas by forming SHGs and also taking up several other projects side by side to ensure development in the rural areas. It focuses on the application of human and material resources in order to mobilize the poor into functionally effective community owned institutions, promote their financial inclusion and strengthen their livelihood. NRLM brings together all the platforms like financial services, capital services, production, productivity enhancement, technology, knowledge, skills, inputs and market to bring on positive change and development. It also encourages for convergence and partnership between various stakeholders by building environment for the poor to access their rights, entitlements and public service.

Kendrapara is an intensive NRLM district of Odisha. There are a total of 9 intensive blocks with 140 intensive GPs out of 249 GPs. OLM intervened in 140 GPs where a total of 12963 SHGs (Self Help Groups) operate through 890 CLFs (Cluster Level Forums) and 140 GPLFs (Gram Panchayat Level Federation) housing on social inclusion, financial inclusion, economic inclusion and livelihood promotion.


**Best Practices by OLM at Kendrapara :**

- Cadre promotion for promotion of several livelihood activities and creating awareness.
- Centre of Excellence (COE) at Mahakalpada to showcase the best practices of SHGs. It is a resource centre for other Dist for training and exposure visit.
- External CRPs for imparting training in other districts on SHG management and Book Keeping.
- Our GPLF, SHG are model for other Dist in terms of economic activities promotion.
- We have created community, individual assets with the support of MGNREGA, and other line Dept.

**Success Story :-** Jamboo, an area enclosed by river on two sides and sea on one side was at a point one of the most underdeveloped areas in the district. After the intervention of OLM in the area, now the area is flourishing as the people got support from GPLF as CIF loans and bank boan through SHGs for taking up several livelihood activities like dry fish processing, poulterry dairy, agriculture, etc and the growth was worth noticing. We have able to included almost all rural household under OLM SHG fold. In the 2016-17, Jamboo received national award by the MoRD for its noticeable growth and development.









# ମାଟିରୁ ସୁନା ଫଳାଇ ପାରିଲେ ହେଲା

ଅରକ୍ଷିତ ନରେନ୍ଦ୍ର, ଘର କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ କୁରୁଣ୍ଡି ଗ୍ରାମରେ । ବାପା–ସୁବାସ ଚନ୍ଦ୍ର ନରେନ୍ଦ୍ର ଓ ମାତା– ତାରାମଣିଙ୍କର ଏକମାତ୍ର ପୁଅ । ଶିକ୍ଷାଗତ ଯୋଗ୍ୟତା ଉତ୍କଳ ବିଶ୍ୱବିଦ୍ୟାଳୟରୁ ପୋଷ୍ଟ ଗ୍ରାଜୁଏଟ (ବାଣିଜ୍ୟ) । ଚାହିଁଥିଲେ ବଡ଼ ସରକାରୀ ଚାକିରି କରିପାରିଥାନ୍ତେ । କିନ୍ତୁ ସେସବୁକୁ ପଛରେ ପକାଇ ନିଜ ଭିଟାମାଟିରେ ବାପା ଅଜା ଅମଳର ସମ୍ପତ୍ତିର ସୁରକ୍ଷା ପାଇଁ ନିଷ୍ପତ୍ତି ନେଇ ଗାଁ ମାଟିକୁ ଫେରି ଆସିଲେ । ନିଜର ୧ ହେକ୍ଟର ଜମିରେ ୨୦୧୫-୧୬ ମସିହାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ମାଧ୍ୟମରେ (RKVY) ୧ ଲକ୍ଷ ଟଙ୍କା ସରକାରୀ ସହାୟତା ପାଇଁ ମାଛ ଚାଷ ଆରମ୍ଭ କରିଥିଲେ ଏବଂ ୫୦ କୁଇଣ୍ଟାଲ ଅଧିକ ମାଛ ଉତ୍ପାଦନ କରିଥିଲେ । ତା ସହିତ ପ୍ରାଣୀସମ୍ପଦ ବିଭାଗରୁ ସହାୟତା ପାଇଁ କୁକୁଡ଼ା ଚାଷ ଆରମ୍ଭ କରିଥିଲେ ତେଣୁ କରି ସେହି ବର୍ଷ ସଫଳ ମାଛ ଚାଷୀ ହିସାବରେ ତାଙ୍କୁ ସରକାରଙ୍କ ତରଫରୁ କୃଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା ଏହି



୪ ବର୍ଷ ମଧ୍ୟରେ ସେ ମାଛ ଚାଷ କରି ଲାଭଦାୟକ ହୋଇ ବର୍ତ୍ତମାନ ୨ ହେକ୍ଟର ଜମିରେ ମାଛ ଚାଷ କରି ବର୍ଷକୁ ୧୫୦ ମେଟ୍ରିକ୍ ଟନ ମାଛ ଉତ୍ପାଦନ କରୁଛନ୍ତି, ତା ସହିତ ୨ ଗୋଟି କୁକୁଡ଼ା ଫାର୍ମ (୮୦୦୦ କ୍ଷମତା ବିଶିଷ୍ଟ) କରିଅଛନ୍ତି । ସେଥିରେ ସେ ଅନ୍ୟୂନ ୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ମାଛ ଚାଷରୁ ହାରାହାରି ବର୍ଷକୁ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ସେଥିରେ ସେ ୩ ଜଣ କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି ।

ଆଜିର ସମାଜରେ ପ୍ରତିଟି ସ୍ତରରୁ ଗାଁ ମାଟିକୁ ଚିହ୍ନିବା ଏବଂ ଏହି ମାଟିରୁ ସୁନା ଫଳାଇବା ପାଇଁ ଉଦ୍ୟମ ହେଲେ ପୂର୍ବଜଙ୍କ ସ୍ୱପ୍ନ ସଫଳ ହୋଇପାରିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି ଏହି ସଫଳ ମତ୍ସ୍ୟଜୀବୀ ଅରକ୍ଷିତ ।

# ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ନାମଲେଖା ପାଇଁ ଜିଲ୍ଲାରୁ ୨୪ ମନୋନୀତ

ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ନାମ ଲେଖାଇବା ପାଇଁ ଜିଲ୍ଲାରୁ ୨୪ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି । ଗତ ୨୪ ତାରିଖ ଦିନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲ୍ଲାରୁ ୩୬ ଜଣ ପ୍ରତିଭା ଉକ୍ତ ଚୟନ ଶିବିରରେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ୨୪ ଜଣ ଛାତ୍ରଛାତ୍ରୀ ଛାତ୍ରାବାସରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ମାର୍ଶାଘାଇ ବ୍ଲକର ଜେମା ମୁଣ୍ଡା, ଚମ୍ପା ଦେଓଗାଁ, କଙ୍ଗଶୀଳା ସିମ୍ପୁ, ସାମଲ ପିଙ୍ଗୁଆ, ମଙ୍ଗଳ ସିମ୍ପୁ, ଟୁକୁଲୁ ହେମ୍ବ୍ରମ, ରସିକ ପାତ୍ର, ଅନିଲ ଫିଙ୍ଗୁଆ, ଦିପୁ ପାତ୍ର, କେନ୍ଦ୍ରାପଡ଼ା ବ୍ଲକର ନାଗପୁରା ଆଶ୍ରମ ବିଦ୍ୟାଳୟର ଡ଼ଲି ମୁଣ୍ଡା, ସୁନିତା ଟୁଡୁ, ତୁଳସୀ ମୁଣ୍ଡା, ଜିଙ୍ଗିଜା ମୁଣ୍ଡା, ଧୁମାତ ଆଶ୍ରମ ବିଦ୍ୟାଳୟର କୁନି ତଣ୍ଡାଲ, ମାଣ୍ଡୁଲ ମୁଣ୍ଡା, ପଟ୍ଟାମୁଣ୍ଡାଇ ବ୍ଲକ୍ କୁଳସାହି ଆଶ୍ରମ ବିଦ୍ୟାଳୟର ରଞ୍ଜନ ଫିଙ୍ଗୁଆ, କାହ୍ନୁ ବେରୁଆ, ମାର୍ଶାଘାଇ ବ୍ଲକ୍ ମଧୁସାଗର ବିଦ୍ୟାଳୟର ସୁନିଲ ଦିଗି, କାମେଶ୍ୱର ମଲ୍ଲିକ, ବିଜୟ ସୋରେନ୍, ପପୁ ମୁର୍ମୁ, ମହାକାଳପଡ଼ା ବ୍ଲକ ବିଜେଶ୍ୱର ବିଦ୍ୟାଳୟର ପଂଙ୍କଜିନୀ ବିଶ୍ୱାଳ, ଡ଼େରାବିଶର ସନ୍ଦୀପ ମଲ୍ଲିକ ଓ ରମେଶ କୁମାର ଦାସ ମନୋନୀତ ହୋଇଥିବା ଜିଲ୍ଲା ଅଧିକାରୀ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।



# ରାଜନଗର ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ବର୍ଗର ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାରର ସହାୟତା ସେବା ଯୋଗାଇ ଦେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୦୯ ମସିହାରୁ ଆରମ୍ଭ ହୋଇଅଛି । ଗୋଟିଏ ସ୍ଥାନରେ ସବୁପ୍ରକାର ସୁବିଧା ଭିନ୍ନକ୍ଷମଙ୍କୁ ଯୋଗାଇ ଦେବାକୁ ଏକ ଖସଡ଼ା ରାଜ୍ୟ ସରକାର ପ୍ରସ୍ତୁତ କରିଥିଲେ । ଭିନ୍ନକ୍ଷମ ପ୍ରମାଣପତ୍ର କରାଇବା, ଆୟ ଓ ବାସସ୍ଥାନ ପ୍ରମାଣପତ୍ର, ସହାୟକ ଉପକରଣ ନିରୂପଣ ଓ ପ୍ରଦାନ, ଭିନ୍ନକ୍ଷମ ଶିକ୍ଷାବୃତ୍ତି, ବୈଷୟିକ ଶିକ୍ଷା ଆଦି ପାଇଁ ପରାମର୍ଶ, କମ୍ ସୁଧ ହାରରେ ଋଣ, ଭିନ୍ନକ୍ଷମ ଭତ୍ତା, ବସ୍ ଓ ଟ୍ରେନ୍ ପାସ୍ ଆଦି ଯୋଗାଇ ଦେବ ଏହାର ଅଂଶବିଶେଷ । ତା ୨୨.୦୩.୨୦୧୮ ରିଖ ପ୍ରଥମ ଶିବିରରେ ଚିହ୍ନଟ ହୋଇଥିବା ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ଚଳିତ ମାସ ତା ୨୬.୦୮.୨୦୧୯ରିଖ ସୋମବାର ଦିନ ରାଜନଗର ବ୍ଲକ ପରିସରରେ ଏହି କାର୍ଯ୍ୟକ୍ରମରେ ଏକ ସୁଯୋଗ ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ ଭିନ୍ନକ୍ଷମ ଭାଇଭଉଣୀମାନଙ୍କୁ ଯୋଗାଇ ଦିଆଯାଇଥିଲା ।





ମାନ୍ୟବର ବିଧାୟକ ରାଜନଗର ଶ୍ରୀଯୁକ୍ତ ଧ୍ରୁବ ଚରଣ ସାହୁ ଓ ଜିଲ୍ଲାପାଳ କେନ୍ଦ୍ରାପଡ଼ା ସମର୍ଥ ବର୍ମା, ସମିତି ଅଧକ୍ଷ୍ୟ ଜୟରାମ ସେଠୀ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦିଲ୍ଲୀପ କୁମାର ପରିଡ଼ା, ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଉର୍ମିଳା ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉଦୟନାଥ ଜେନା, ବିଡ଼ିଓ ମନ୍ଦରଧର ମାହାଳିକ ଆଦି ଉପସ୍ଥିତ ରହି ୨୪୭ ଟି ଟଉଓଉ ସାର୍ଟିଫିକେଟ, ୫ଟି ତିନିଚକିଆ ସାଇକେଲ, ୨୨ଟି ହୁଇଲ ଚେୟାର, ୧୮ଟି କାନଯନ୍ତ୍ର, ୫ଟି ପ୍ରୋସ୍‌ଥେସିସ, ୦୪ ଟି ଅର୍ଥୋସିସ, ୫ଟି କ୍ରଚେସ / ଷ୍ଟିକ, ୫ଟି ବ୍ଲାଇଣ୍ଡ ଷ୍ଟିକ୍ ୧୧ ଜଣଙ୍କୁ ବାଣିଶ୍ରୀ ଭିନ୍ନକ୍ଷମ ଶିକ୍ଷାବୃତ୍ତି, ୨୩ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୮ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା (ତତ୍‌କାଳ ମଞ୍ଜୁରୀ) ପ୍ରଦାନ କରାଯାଇଥିଲା । ଯାହା ରାଜ୍ୟ ସରକାରଙ୍କର ଭିନ୍ନକ୍ଷମମାନଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ସୂଚାଇଥାଏ । ଏହି କାର୍ଯ୍ୟକ୍ରମ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପରିଚାଳନା କରିଥିଲେ ।

# କେନ୍ଦ୍ରାପଡ଼ାର ପ୍ରାକୃତିକ ଓ ପରିବେଶ ପର୍ଯ୍ୟଟନ - ଏକ ଦୃଷ୍ଟିପାତ

ଶ୍ରୀ ସିଦ୍ଧ ବଳଦେବ ପୀଠ ତୁଳସୀକ୍ଷେତ୍ର ରୂପେ କେନ୍ଦ୍ରାପଡ଼ା ସୁବିଦିତ । ପର୍ଯ୍ୟଟନ ଦୃଷ୍ଟିରୁ ସବୁ ଅଞ୍ଚଳର ଯେପରି ଏକ ପୃଥକ ବିଶିଷ୍ଟତା ଓ ଆକର୍ଷଣ ରହିଥାଏ ସେହିପରି ଏକ ସ୍ୱକୀୟ ସୁଖ୍ୟାତି ମଧ୍ୟ ଏହି ଜିଲ୍ଲାର ରହିଛି । ପାରମ୍ପରିକ ପୁରାତନ ମଠ, ମନ୍ଦିରସ୍ଥଳୀ ଠାରୁ ଆରମ୍ଭ କରି ଅନାଲୋଚିତ ବୌଦ୍ଧ କୀର୍ତ୍ତିରାଜି ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ । ଏହାଛଡ଼ା ବିଭିନ୍ନ ସମୟ ଓ ଅବସରରେ ପାଳନ କରାଯାଉଥିବା ଯାନିଯାତ୍ରା ଓ ପୂଜା ମେଳଣ ପ୍ରଭୃତି ବହିରାଗତଙ୍କୁ ଏହି ଜିଲ୍ଲା ପ୍ରତି ଆକୃଷ୍ଟ କରାଇଥାଏ । ସଂପ୍ରତି ପର୍ଯ୍ୟଟନ କ୍ଷେତ୍ରରେ ଦେଖା ଦେଇଥିବା ନୂଆ ଧାରାରେ ପାରମ୍ପରିକ ସାଂସ୍କୃତିକ ଓ ଐତିହାସିକ କ୍ଷେତ୍ରକୁ ପଛରେ ପକାଇ ପ୍ରାକୃତିକ ପର୍ଯ୍ୟଟନ ଏହି ଦୌଡ଼ରେ ସବା ଆଗରେ ରହିଛି । ପ୍ରକୃତିର ହାତଖୋଲା ଦାନ ସ୍ୱରୂପ କେନ୍ଦ୍ରାପଡ଼ା ଜିଲ୍ଲା ଉଭୟ ପ୍ରାକୃତିକ ଓ ସାମୁଦ୍ରିକ ପର୍ଯ୍ୟଟନ ନିମନ୍ତେ ଏକ ପ୍ରଶସ୍ତ କ୍ଷେତ୍ର । ଏଠାରେ ଏସିଆର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲ ରହିଛି । ତା' ସହିତ ରହିଛି କୁମ୍ଭୀର ପ୍ରଜନନ କେନ୍ଦ୍ର, ଭିତରକନିକା ଜାତୀୟ ଉଦ୍ୟାନ, ବଗଗହନ, ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଏନ୍ତୁଡ଼ିଶାଳ -ଗହୀରମଥା ଏବଂ ଉତ୍ତରରେ ଧାମରା ଠାରୁ ଆରମ୍ଭ କରି ଦକ୍ଷିଣରେ ମହାନଦୀ ମୁହାଣ ପର୍ଯ୍ୟନ୍ତ ପ୍ରାୟ ୫୦ କି.ମି. ବ୍ୟାପି ସମୁଦ୍ରର ଉପକୂଳ, ତତ୍‌ସଂଲଗ୍ନ ଛୋଟ ଛୋଟ ସାମୁଦ୍ରିକ ଦ୍ୱୀପ । ଯାହା ନିଃସନ୍ଦେହରେ ଭ୍ରମଣକାରୀମାନଙ୍କୁ ପରିପୂର୍ଣ୍ଣ ସନ୍ତୋଷ ଦେଇପାରିବ । ରାଜ୍ୟ ପର୍ଯ୍ୟଟନ ବିଭାଗର ଯଦି ଶୁଭଦୃଷ୍ଟି ପଡ଼ନ୍ତା ତେବେ ଏ ସମସ୍ତଙ୍କୁ ନେଇ ଏକ 'ପ୍ୟାକେଜ୍ ଟୁରିଜିମ୍' କରାଯାଇ ପାରନ୍ତା । ଯାହାଦ୍ୱାରା ପର୍ଯ୍ୟଟକମାନଙ୍କ ସଂଖ୍ୟାରେ ଆଖିଦୃଶିଆ ଅଭିବୃଦ୍ଧି ଘଟନ୍ତା ।

ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କ ପ୍ରଧାନ ଆକର୍ଷଣର କେନ୍ଦ୍ର ଭିତରକନିକା । ଏହି ଜାତୀୟ ଅଭୟାରଣ୍ୟଟି ନିଜର ଅନୁପମ ନୈସର୍ଗିକ ଲ୍ୟାଣ୍ଡସ୍କେପ୍ ସହିତ ଏକ ଶାନ୍ତ ପରିବେଶର ନିଆରା ଅନୁଭବ ଭ୍ରମଣକାରୀଙ୍କୁ ପ୍ରଦାନ କରିଥାଏ । ଏହି ଅଞ୍ଚଳ ୧୯୭୫ ମସିହାରୁ ଅଭୟାରଣ୍ୟର ମାନ୍ୟତା ପାଇସାରିଛି । ପଶ୍ଚିମବଙ୍ଗର ସୁନ୍ଦରବନ ଆର୍ଦ୍ରଭୂମି ପରେ ଏହି ଭିତରକନିକା ଭାରତରେ ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲ । କିନ୍ତୁ ହେନ୍ତାଳ ବନର ପ୍ରଜାତି ଦୃଷ୍ଟିରୁ ପଡ଼ୋଶୀ ସୁନ୍ଦରବନ ଠାରୁ ଅଧିକ ପ୍ରାୟ ୬୨ ପ୍ରକାରର ଉଦ୍ଭିଦ ଏଠାରେ ଦେଖିବାକୁ ମିଳିଥାଏ ।

ଏଥିସହିତ ବିଶ୍ୱ ପ୍ରସିଦ୍ଧ ଲୁଣାପାଣି କୁମ୍ଭୀର ପ୍ରଜନନ କେନ୍ଦ୍ର ଏହାର ଅନ୍ୟ ଏକ ଆକର୍ଷଣ । ସ୍ଥାନୀୟ ଭାଷାରେ ବଉଳା କୁମ୍ଭୀର ବା ଘଡ଼ିଆଳ କୁମ୍ଭୀରମାନଙ୍କୁ ଏକ ପ୍ରାକୃତିକ ପରିବେଶ ମଧ୍ୟରେ ପରିପାଳିତ କରାଯାଇ ସଂରକ୍ଷିତ ରଖାଯାଇଛି । ସଦ୍ୟତମ ବିଭାଗୀୟ ପରିସଂଖ୍ୟାନ ଅନୁଯାୟୀ ପ୍ରାୟ ୧୬୦୦ରୁ ଊର୍ଦ୍ଧ୍ୱ କୁମ୍ଭୀରମାନେ ଏଠାରେ ଅଛନ୍ତି । ସେଥିମଧ୍ୟରୁ ବୃହଦାକାୟ ରାବଣ, ମହୀରାବଣ କୁମ୍ଭୀରଙ୍କ ସହିତ ଚର୍ଚ୍ଚିତ ଏକମାତ୍ର ଧଳା କୁମ୍ଭୀର ଗୋରୀ ଏହି ସ୍ଥାନର ଆକର୍ଷଣ ବଢ଼ାଇଥାନ୍ତି ।

ବଗଗହନ ରୂପେ ପ୍ରସିଦ୍ଧ ଭିତରକନିକାର ପକ୍ଷୀ ଅଭୟାରଣ୍ୟରେ ପାଖାପାଖି ୨୦୦ କିସମର ଦେଶୀ ବିଦେଶୀ ପକ୍ଷୀମାନଙ୍କୁ ଦେଖିବାକୁ ମିଳିଥାଏ । ଆମ ରାଜ୍ୟ ଚିଲିକାର ନଳବନ ପରେ ଏହି ସ୍ଥାନଟି ଅନ୍ୟତମ ପକ୍ଷୀ ମିଳନ ସ୍ଥଳୀ ରୂପେ ସୁଖ୍ୟାତ । ପ୍ରତିବର୍ଷ ଶରତ ଓ ଶୀତଋତୁରେ ଅନୁକୂଳ ପରିବେଶ ହେତୁ ବହିରାଗତ ବିଭିନ୍ନ ଜାତିର ପକ୍ଷୀମାନେ ହଜାର ହଜାର ସଂଖ୍ୟାରେ ଆସି ଠୁଳ ହୋଇଥାନ୍ତି । ସେମାନଙ୍କ ମିଶ୍ରିତ କଳରବରେ ମୁଖରିତ ହୋଇଉଠେ ଏହି ଅଞ୍ଚଳ । ହେନ୍ତାଳ ବଣର ଘଞ୍ଚ ସବୁଜ ପତ୍ରମାନଙ୍କ ଗହଣରେ ଚିତ୍ରିତ ପକ୍ଷୀମାନଙ୍କର ସମାଗମ ସାରା ପରିବେଶକୁ ଦର୍ଶନୀୟ କରିଦିଏ । ପକ୍ଷୀ ବିହାରର ମାନ୍ୟତା ପାଇଥିବା ଏହି ସ୍ଥାନଟି ଦେଶ ବିଦେଶର



ଗବେଷକ ଓ ପକ୍ଷୀପ୍ରେମୀମାନଙ୍କୁ ବହୁଳ ଭାବରେ ଆକୃଷ୍ଟ କରିଥାଏ ।

ହାତ ପାପୁଲିର ରେଖା ପରି ଭିତରକନିକା ଆଭ୍ୟନ୍ତରୀଣ ଅଞ୍ଚଳରେ ଛନ୍ଦାଛନ୍ଦି ହୋଇ ଛୋଟ ଛୋଟ ନାଳ ବା କ୍ରିକ୍‌ଗୁଡ଼ିକ ପ୍ରବାହିତ । ଏହି ପଥ ଦେଇ ନୌକାରେ ଯାତ୍ରା କରୁଥିବା ଦର୍ଶକ ତାର ଦୁଇ ପାଖରେ ନଇଁ ଆସିଥିବା ହେନ୍ତାଳ ବୃକ୍ଷରାଜି, ନଦୀକଡ଼ରେ ନିର୍ଭୟରେ ଶୋଇ ରହିଥିବା ଏକରୁ ଆରେକ କୁମ୍ଭୀର, ଇତଃସ୍ତତଃ ଡ଼େଇଁ ବୁଲୁଥିବା ହରିଣ, ସମ୍ବର, ବାରହା, ମାଙ୍କଡ଼, ଗୋଧି, ନେଉଳ ଓ ଜଙ୍ଗଲୀ ଅଜଗର ସାପ ପ୍ରଭୃତି ବିଭିନ୍ନ ପ୍ରାଣୀ ଓ ସରୀସୃପମାନଙ୍କୁ ଦେଖିବାକୁ ମିଳିଥାଏ । ଏହି ଅନନ୍ୟ ଯାତ୍ରାନୁଭବ ଯେକୌଣସି ପର୍ଯ୍ୟଟକଙ୍କୁ ଲୋକପ୍ରିୟ ଡ଼ିସକଭରୀ ଚ୍ୟାନେଲର ରୋମାଞ୍ଚକର ଦୃଶ୍ୟ କଥାକୁ ମନେପକାଇ ଦେଇଥାଏ ।

ଏହାଛଡ଼ା ପ୍ରାକୃତିକ ଓ ପରିବେଶ ପର୍ଯ୍ୟଟନ ପ୍ରତି ଆଗ୍ରହ ରଖୁଥିବା ମଣିଷମାନଙ୍କ ନିମନ୍ତେ ଭିତରକନିକାର ମଧ୍ୟ ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି । ଏହାର ପୂର୍ବ ଉପକୂଳବର୍ତ୍ତୀ ଗହୀରମଥା ଅଞ୍ଚଳ ସାମୁଦ୍ରିକ କଇଁଛମାନଙ୍କ ପ୍ରଜନନ କ୍ଷେତ୍ର ରୂପେ ପ୍ରସିଦ୍ଧିଲାଭ କରିଛି । ସୁଦୂର ପ୍ରଶାନ୍ତ ମହାସାଗରରୁ ଆସି ଏଠାରେ ସମାଗମ ହେଉଥିବା ବିରଳ ଅଲିଭ ରିଡ୍‌ଲେ କଇଁଛମାନେ ଏକ ନିର୍ଦ୍ଦିଷ୍ଟ ସମୟରେ ଉପଯୁକ୍ତ ତାପମାତ୍ରା ଓ ସୁକୋମଳ ପର୍ଯ୍ୟାପ୍ତ ବାଲୁକା ଶଯ୍ୟାରେ ଏକାକାଳୀନ ଶହ ଶହ ସଂଖ୍ୟାରେ ଅଣ୍ଡା ଦେଇଥାନ୍ତି । କଇଁଛ ପ୍ରଜନନ ପାଇଁ ଏହି ସ୍ଥାନଟିକୁ ଆନ୍ତର୍ଜାତିକ ମାନ୍ୟତା ମିଳିସାରିଛି । ଏହି ଦୃଷ୍ଟିରୁ ଭିତରକନିକାକୁ ଉଭୟ ଜୈବ ବିବିଧତା ଓ ଅତୁଳନୀୟ ପ୍ରାକୃତିକ ଶୋଭାର ଏକ ଦୃଷ୍ଟାନ୍ତଯୋଗ୍ୟ କ୍ଷେତ୍ର ରୂପେ ଗ୍ରହଣ କରାଯାଏ । ପ୍ରକୃତିପ୍ରେମୀମାନଙ୍କୁ ଆକୃଷ୍ଟ କଲା ପରି ଏହାର ନିକଟବର୍ତ୍ତୀ ଏକକୂଳା, ସାତଭାୟା ଓ ବରୁଣେଇର ବିସ୍ତୀର୍ଣ୍ଣ ସାମୁଦ୍ରିକ ବେଳାଭୂଇଁ ଓ ଏହି ସ୍ଥାନ ଗୁଡ଼ିକର ଅକ୍ଷତ ଶୋଭାରାଜି ପର୍ଯ୍ୟଟକଙ୍କ ମନ ହରଣ କରିବାରେ ବେଶ୍ ସକ୍ଷମ ।

ସାରା ବିଶ୍ୱରେ ଏବେ 'ପରିବେଶ ଉତ୍ତରଦାୟୀ ପର୍ଯ୍ୟଟନ' ର କଥା ବହୁଳ ଭାବେ ଆଲୋଚିତ ହେଉଛି । ଗୋଟିଏ ପଟରେ ପର୍ଯ୍ୟଟନ, ଆର ପଟରେ ସ୍ଥାନୀୟ ପରିବେଶର ଅକ୍ଷୁର୍ଣ୍ଣତା ଉଭୟଙ୍କ ଉପରେ ନିର୍ଭର କରେ ପର୍ଯ୍ୟଟନର ଭବିଷ୍ୟତ । ଏବେ ଭିତରକନିକାର ବିକାଶକୁ ନେଇ ବନ ସଂରକ୍ଷଣ ଆଇନର ଦ୍ୱନ୍ଦ ଦୃଷ୍ଟିକୁ ଆସୁଛି । ଏହି ନୈସର୍ଗିକ ପ୍ରାକୃତିକ ବିଭବକୁ ଅକ୍ଷତ ରଖିବା ଯେତିକି ଜରୁରୀ ତାହା ସହିତ ପର୍ଯ୍ୟଟନକୁ ଜୀବିତ ରଖିବାକୁ ହେଲେ ପର୍ଯ୍ୟଟକମାନଙ୍କୁ ଆବଶ୍ୟକୀୟ ସୁଖସ୍ୱାଛନ୍ଦ୍ୟ ଯୋଗାଇ ଦେବା ସହିତ ଭିତ୍ତିଭୂମିର ସଂସ୍ଥିତି ମଧ୍ୟ ଅପରିହାର୍ଯ୍ୟ । ହଁ, ଦୁହିଁଙ୍କ ମଧ୍ୟରେ ଏକ ନିର୍ଦ୍ଧାରିତ ସୁସହାବସ୍ଥାନ ରହିବା ଜରୁରୀ । ବିକାଶ ନାମରେ ଯେପରି ଏହିସବୁ କ୍ଷେତ୍ରଗୁଡ଼ିକର ଅସଂଜତ ବ୍ୟବସାୟୀକରଣକୁ ଅନୁମତି ପ୍ରଦାନ କରିବା ଉଚିତ୍ ହେବ ନାହିଁ । ସେହିପରି ମାତ୍ରାଧିକ ଆଇନର ଲକ୍ଷ୍ମଣରେଖା ଟାଣି ଏକ ସମ୍ଭାବନାକୁ ସଂକୁଚିତ କରିବା ମଧ୍ୟ ଗ୍ରହଣୀୟ ନୁହେଁ ।

ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ପର୍ଯ୍ୟଟନ ବିକାଶରେ ସ୍ଥାନୀୟ ଅଧିବାସୀଙ୍କ ସଂପୃକ୍ତି । ସେ ହୋଟେଲ ବ୍ୟବସାୟ ହେଉ ବା କ୍ଷୁଦ୍ର ବ୍ୟବସାୟ । ଟ୍ରାଭେଲ ବ୍ୟବସାୟ ହେଉ ବା ଗାଇଡ୍ ବୃତ୍ତି ସବୁଥିରେ ଯେପରି ସ୍ଥାନୀୟ ଲୋକମାନେ ରୋଜଗାରକ୍ଷମ ହୁଅନ୍ତି ତାହା ଦେଖିବାର କଥା । ଏହି ସାମଗ୍ରିକ ପ୍ରକ୍ରିୟାରେ ପର୍ଯ୍ୟଟନର ଅଭିବୃଦ୍ଧି ସମ୍ଭବ । ଯାହାକୁ ନୂଆ ସମୟର ପରିଭାଷାରେ 'ଝଙ୍କସ୍ୱସ୍ୱବସଭବଭକ୍ଷର ଝକ୍କଙ୍କସ୍ୱସସ୍ୱଙ୍କ' କୁହାଯାଉଛି ।

ସବୁକ୍ଷେତ୍ରରେ ନିଜକୁ ଅନଗ୍ରସର ବୋଲି କହି ହେଉଥିବା ଆମର



ଏହି ଆତ୍ମସଚେତନ ଜିଲ୍ଲାର ବଡ଼ ମୁଖପାତ୍ରମାନେ ହୁଏତ ସେମାନଙ୍କ ଜାଣତରେ ବା ଅଜାଣତରେ କେବେ ଅନିଶା କରିନାହାନ୍ତି ଏହି ଭୂଖଣ୍ଡର ଅତୁଳନୀୟ ପର୍ଯ୍ୟଟନ ସମ୍ଭାବନାକୁ । ପାଖାପାଖି ତିନି ଦଶନ୍ଧି ହୋଇଯିବ ପର୍ଯ୍ୟଟନକୁ ଶିଳ୍ପର ମାନ୍ୟତା ଦିଆ ସାରିଲାଣି । କିନ୍ତୁ ସେ ସ୍ୱାଦ ଏଯାଏଁ ଆମେ ଚାଖି ପାରିଲୁ ନାହିଁ । ଏହାର ସୁଯୋଗ ନେଇ ଆମ ଦେଶର ଦକ୍ଷିଣରୁ ଆରମ୍ଭ କରି ପଶ୍ଚିମ ରାଜ୍ୟଗୁଡ଼ିକ ବେଶ୍ ଆର୍ଥିକ ସଫଳତା ହାସଲ କରିପାରିଛନ୍ତି । କେବଳ ବୃହତ୍ ଶିଳ୍ପର ଆଳରେ ସର୍ବଦା ବିକାଶର ନାରା ଲଗାଉଥିବା ଏହି ଜିଲ୍ଲାର ଶୁଭଚିନ୍ତକମାନେ ଥରୁଟେ ଆତ୍ମବୀକ୍ଷଣ କରନ୍ତୁ ତ ! ଦେଖିବେ ବିଶ୍ୱ ପର୍ଯ୍ୟଟନର ମାନଚିତ୍ରରେ ଏକ ପ୍ରମୁଖ ସ୍ଥଳୀ ରୂପେ କେନ୍ଦ୍ରାପଡ଼ା ଶୋଭା ପାଉଥିବ ।

**ଡ. ବିରଜା ରାଉତରାୟ**

# ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ ଖଣ୍ଡିଆ ଓ ତାଲୁକଣା ଚିହ୍ନଟ ଶିବିର

**(କେନ୍ଦ୍ରାପଡ଼ା ଜିଲ୍ଲାକୁ ଗ୍ରହଣ ଖଣ୍ଡିଆ ତାଲୁକଣା ମୁକ୍ତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ)**

କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ "ଭିନ୍ନକ୍ଷମବ୍ୟକ୍ତିଙ୍କ ଅଧିକାର ଅଧିନିୟମ-୨୦୧୬" – ର ଧାରା ଅନୁଯାୟୀ ଗୋଟିଏ ଛତା ତଳେ ଜିଲ୍ଲାସ୍ତରରୁ ବ୍ଲକ ସ୍ତର ମଧ୍ୟରେ ବିଭିନ୍ନ ପ୍ରକାରର ଭିନ୍ନକ୍ଷମ କଲ୍ୟାଣ ଯୋଜନାକୁ ସାମିଲ କରାଇ କଲ୍ୟାଣ କରିବା ନିମନ୍ତେ ପ୍ରସ୍ତୁତ କରିଥିବା ନୂଆ କାର୍ଯ୍ୟକ୍ରମ "ସ୍ୱାଭିମାନ" ଅଧୀନରେ ତା ୩୧.୦୮.୨୦୧୯ ରିଖ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ ପରିସରରେ ଏକ '**ଗ୍ରହଣ ଖଣ୍ଡିଆ ଓ ତାଲୁକଣା ଚିହ୍ନଟ ଶିବିର**' ଅନୁଷ୍ଠିତ ହୋଇଯାଇଅଛି । ମାନ୍ୟବର



ସାଂସଦ (ଲୋକସଭା) ଅନୁଭବ ମହାନ୍ତିଙ୍କ ପରାମର୍ଶ, ଜିଲ୍ଲାପାଳଙ୍କ ଦିଗ୍‌ଦର୍ଶନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ ଏହା ଆୟୋଜିତ ହୋଇଥିଲା । ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା ଚିହ୍ନଟ ହୋଇଥିବା ଉପରୋକ୍ତ ପ୍ରକାରର ଭିନ୍ନକ୍ଷମ ମଧ୍ୟରୁ ପ୍ରଥମ ଥର ପାଇଁ ୪୯ ଜଣଙ୍କୁ ଓ ପୂର୍ବରୁ ଚିହ୍ନଟ ହୋଇ ଅସ୍ତ୍ରୋପଚାର ହୋଇଥିବା ୯୧ ଜଣଙ୍କୁ ଶିବିରକୁ ଆସି ପରୀକ୍ଷିତ ହେବାକୁ ବାର୍ତ୍ତା ପ୍ରେରଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶଶିଭୂଷଣ ମେମୋରିଆଲ ଚିକିତ୍ସାଳୟ, ବାଲିକୁଦା, କଟକର ବିଶେଷଜ୍ଞମାନେ ଉପସ୍ଥିତ ହୋଇ ରୋଗୀମାନଙ୍କୁ ଚିହ୍ନଟ କରାଇଥିଲେ ।



ଉକ୍ତ କାର୍ଯ୍ୟକ୍ରମକୁ ମାନ୍ୟବର ସାଂସଦ ଉଦଘାଟନ କରି ଜିଲ୍ଲାରୁ ଗ୍ରହଣ ଖଣ୍ଡିଆ ଓ ତାଲୁକଣା ପିଲାଙ୍କ ସଂଖ୍ୟା ଶୂନ୍ୟ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଅଧିକନ୍ତୁ ସେ "ଝଙ୍କସକ୍ଷର ଝକ୍ବବସଭ" ର ବାର୍ତ୍ତାବହ ଭାବେ ଉକ୍ତ କାର୍ଯ୍ୟକ୍ରମ ସବୁଆଡ଼େ କରାଯିବାର ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଥିଲେ । ଏହା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଥିବା ଅଧିକାରୀମାନେ ଘୋଷଣା କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ାର ମାନ୍ୟବର ବିଧାୟକ ଶଶିଭୂଷଣ ବେହେରା, ପାଟକୁରା ବିଧାୟିକା ମାନନୀୟା ସାବିତ୍ରୀ ଅଗ୍ରୱାଲ, ସାଲେପୁରର ମାନ୍ୟବର ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମାନସ ରଞ୍ଜନ ପରିଡ଼ା, ବିଭିନ୍ନ ବ୍ଲକର ଅଧ୍ୟକ୍ଷ, ସର୍ବପରି ଜିଲ୍ଲାପାଳ ସମର୍ଥ ବର୍ମା ଉପସ୍ଥିତ ହୋଇ ଶିବିରାର୍ଥୀ ସହ ବାର୍ତ୍ତାଳାପ ଓ ଆଶୁ ଆରୋଗ୍ୟ ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ । ଉକ୍ତ ଶିବିରରେ ମୋଟ ୯୨ ଜଣ ନାମପଞ୍ଜୀକୃତ ହୋଇଥିଲା । ସେମାନଙ୍କ ମଧ୍ୟରୁ ୪୮ ଜଣଙ୍କୁ ଅସ୍ତ୍ରୋପଚାର ନିମନ୍ତେ ଚିହ୍ନଟ କରାଯାଇଥିଲା । ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଧୀନରେ ସମସ୍ତ ଆୟୋଜନ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, କେନ୍ଦ୍ରାପଡ଼ା ତରଫରୁ କରାଯାଇଥିଲା ।

ସମ୍ପାଦକ : ଚନ୍ଦ୍ରକାନ୍ତ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ; ଡ଼ ବିରଜା ରାଉତରାୟ, ଡେପୁଟି କଲେକ୍ଟର ଓ ସମ୍ପାଦନା ମଣ୍ଡଳୀ



ପ୍ରକାଶକ : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦ୍ରାପଡ଼ା ମୁଦ୍ରଣ : ବଳଦେବ ପ୍ରେସ, କେନ୍ଦ୍ରାପଡ଼ା